# Akashvani, Sambalpur

## SAMBALPURI NEWS EVENING BULLETIN

## 24 July 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ ଗଠନ୍ ଲାଗି ଜାତୀୟ ସମବାୟ ନୀତି-୨୦୨୫ର ଶୁଭାରମ୍ଭ କଲେ ସମବାୟ ମନ୍ତ୍ରୀ ଅମିତ୍ ଶାହ ।

-ନୂଆ ନୀତିଥି ଗାଁମାନ୍‌କୁ ସଶକ୍ତ କର୍‌ବାର୍ ଲକ୍ଷ୍ୟ, ଥାପ୍‌ନା ହେବା ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ ।

୨- ଶିଶୁ ସୁରକ୍ଷା ଆଉ କଲ୍ୟାଣ ତଦାରଖ କମିଟି ବୈଠକ୍‌ଥି ମିଶନ ବାତ୍ସଲ୍ୟ ଯୋଜ୍‌ନାକେ ଠିକ୍ ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଦିଆଯାଇଛେ ଜୋର୍ ।

୩- ଶରାବନର୍ ଉଆଁସ୍ ତିଥିନ ଆଏଜ୍ ପୁରୀ ଶ୍ରୀମନ୍ଦିର ନ ହେଇଛେ ଚିତାଲାଗି ନୀତି ।

ଆଉର୍

୫- ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୪ ଦିନ୍ ତକ୍ ରାଏଜେ ଲାଗି ରହେବା ବର୍ଷା ।

ସମବାୟ ନୀତି ଏନ୍‌ଏସ୍‌ଡି

୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ ଲାଗି ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହ ଆଏଜ୍ ନୂଆଦିଲ୍ଲୀ ନ ଜାତୀୟ ସମବାୟ ନୀତି ୨୦୨୫ ର ଶୁଭାରମ୍ଭ କରିଛନ୍ । ନୂଆ ସମବାୟ ନୀତିଥି ଯୁଆନ୍ ପିଢ଼ି ଆଉ ଅବହେଲିତ୍ ସମୁଦାୟମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ । ସମବାୟ ମନ୍ତ୍ରୀ କହିଛନ୍, ନୂଆ ନୀତି ଜରିଏ ଫି ଗାଁକେ ସଶକ୍ତ କରାଯିବା । ଫି ଗାଁ ନ ଅତି କମ୍‌ନ ଗୁଟେ ଲେଖା ସମବାୟ ସମିତି ଥାପ୍‌ନା କରାଯିବା । ଆଏବା ବଛର୍ ଫେବୃୟାରୀ ମାସ୍‌ତକ୍ ୨ ଲାଖ୍ ପ୍ରାଥମିକ୍ କୃଷି ଋଣ ସମିତି ଥାପ୍‌ନା କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସମବାୟ ସଂସ୍ଥାମାନ୍‌କୁ ସମାବେଶୀ କର୍‌ବାର୍, ବୃତି ଭାବେ ଇତାର୍ ପରିଚାଲ୍‌ନା ଆଉ ଗ୍ରାମୀଣ କ୍ଷେତ୍ରନ ବ୍ୟାପକ ନିଯୁକ୍ତି ଆଉ ଜୀବିକା ସୃଷ୍ଟି କର୍‌ବାର୍‌ଟା ଇ ନୀତିର୍ ଆଉ ଗୁଟେ ଉଦ୍ଦେଶ୍ୟ ଆଏ । ଯୁଆନ୍ ପିଢ଼ି ଭିତ୍‌ରେ ନେତୃତ୍ୱର ବିକାଶ ଆଉ ତାଲିମ୍ ଲାଗି ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ ଥାପ୍‌ନା କରାଯିବା ଶ୍ରୀ ଶାହ କହିଛନ୍ ।

ସଂସଦ ଅଧିବେଶନ ଏନ୍‌ଏସ୍‌ଡି

ମୌସୁମୀ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନଙ୍କର ହୋ-ହଲ୍ଲା ଲାଗି ସଂସଦ୍‌ର ଦୁଇ ସଦନ୍‌ନ କାମ ବାଧା ହେଇଥିଲା । ଆଏଜ୍ ଦିନ୍‌ର ୧୧ ବଜେ ଲୋକ ସଭା ନ କାମ୍ ମୁଲ୍ ହଉନ୍ ସାଏର୍ ବିରୋଧୀ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ଅଭିଯାନ୍ ଆଉ ଭିନ୍ ଭିନ୍ ବିଷେକେ ନେଇକରି  ଗୃହର୍ ମଝାନ ଜମା ହେଇକରି ହୋ-ହଲ୍ଲା କରିଥିଲେ । ଶେଷେ ବାଚସ୍ପତୀ ଗୃହକେ ଦିନର୍ ୨ ବଜେତକ୍ ମୁଲତବୀ ଘୋଷଣା କରିଥିଲେ । ୨ ବଜେ କାମ୍ ମୁଲ୍ ହେବାର୍‌ନୁ ସମାନ୍ ସ୍ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଆଏବାକାଏଲ୍ ତକ୍ ଗୃହକେ ମୁଲ୍‌ତବୀ ଘୋଷଣା କରିଥିଲେ ।

ରାଜ୍ୟ ସଭାନ ଭିଲ୍ ବିରୋଧୀ ସଦସ୍ୟମାନେ ଜବର କିର୍ଲାଗଗା କର୍‌ବାର୍‌ନୁ ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଥିଲା । ଶେଷେ ଉପାଧକ୍ଷ ହରି ବଂଶ ଆଏବା ବାଏଲ୍‌ତକ  ଗୃହକେ ମୁଲ୍‌ତବୀ ଘୋଷଣା କରିଥିଲେ ।

ଶିଶୁ ସୁରକ୍ଷା ବୈଠକ୍ I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଆଏଜ୍ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଆଉ କଲ୍ୟାଣ ତଦାରଖ ଆଉ ସମୀକ୍ଷା କମିଟିର୍ ବୈଠକ୍ ହେଇଯାଇଛେ । ସବୁ ବିଭାଗର୍ ମିଶିକରି ଶିଶୁ ସୁରକ୍ଷା ଆଉ ଯତନ୍ ବ୍ୟବସ୍ଥାକେ ଜୋର୍ ଦେବାର୍‌କେ ମୁଖ୍ୟ ଶାସନ ଶ୍ରୀ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଶିଶୁ ସୁରକ୍ଷା କ୍ଷେତ୍ରଥି ଥିବା ଭିନ୍ ଭିନ୍ ସରକାରୀ ବ୍ୟବସ୍ଥା, ଇ ଦିଗେ କାମ୍ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚ୍‌ନା ଶିକ୍ଷା ଆଉ ଯୋଗାଯୋଗ୍ ବ୍ୟବସ୍ଥା ଉପ୍‌ରେ ଖାସ୍ କରି ଆଲୋଚନା କରାଯାଇଥିଲା । ରାଏଜେ କେନ୍ଦ୍ର ସରକାରଙ୍କର ମିଶନ୍ ବାତ୍ସଲ୍ୟ ଯୋଜ୍‌ନାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଅଧିକାରୀମାନେ ଶିଶୁ ଯତନ୍ ଆଉ ସୁରକ୍ଷା ବାବଦ୍ ଯୋଜ୍‌ନା ଆଉ କର୍ମ୍ୟକ୍ରମ୍ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ-ଆଦିବାସୀ ସଂଘ ସାକ୍ଷାତ୍‌ଭୁବନେଶ୍ୱର ସମ୍ବାଦଦାତ

ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘର୍

ସଦସ୍ୟମାନେ ଭେଟିକରି ଭିନ୍ ଭିନ୍ ସମସ୍ୟା ବାବ୍ଦେ ଆଲୋଚନା କରିଛନ୍ । ଆଦିବାସୀମାନ୍କର ସାମୂହିକ୍ କଲ୍ୟାଣ ଲାଗି ସଂଘ ତରଫୁ ବହୁତ୍ଟେ ପ୍ରସ୍ତାବ୍ ରଖାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସବୁ ପ୍ରସ୍ତାବ୍ ଗ୍ରହଣ କର୍ବାର୍ ସହେତେ ଆଦିବାସୀମାନ୍କର ସର୍ବାଙ୍ଗୀନ ବିକାଶ ରାଜ୍ୟ ସରକାରଙ୍କର ପ୍ରାଥମିକ୍ତା ଆଏ ବଲି କହିଛନ୍ । ଆଦିବାସୀ ମାନ୍କର ବିକାଶ ଲାଗି ଖୋବ୍ ଜଲ୍ଦି ଉତର ଓଡ଼ିଶା ବିକାଶ ପରିଷଦ ଆଉ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ୍ ଗଠନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଏସ୍ଆଇ ବୟସ ସୀମା କୋହଲ ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟ ସରକାର ସବ୍ ଇନ୍ସପେକ୍ଟର ନିଯୁକ୍ତି ଲାଗି ସର୍ବାଧିକ୍ ବୟସ୍ ସୀମା ୩ ବଛର୍ କୋହଲ୍ କରିଛନ୍ ବଲି ଆଡ୍ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଆଏଜ୍ ହାଇକୋର୍ଟ ନ ସୂଚ୍ନା ଦେଇଛନ୍ । ଇ ବାବ୍ଦେ ରାଜ୍ୟ ସରକାର ଗଲା ଜାନୁୟାରୀ ୧୭ ତାରିଖ୍ ବିଜ୍ଞପ୍ତି ଆନିଛନ୍ ବଲି ଶ୍ରୀ ଆଚାର୍ଯ୍ୟ କହିଛନ୍ । ୨୦୧୮ ମସିହାନୁ ସବ୍ଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାର୍ନୁ ଇଥିର୍ ଲାଗି ବୟସ୍ ସୀମା କୋହଲ୍ କର୍ବାର୍କେ ହାଇକୋର୍ଟନ ଆଶାୟୀ ପ୍ରାର୍ଥୀମାନେ

ଆବେଦନ୍ କରିଥିଲେ । ମାମଲାର୍ ଶୁଣାଣି ବେଲ୍‌କେ ଆଏଜ୍ ଆଡ୍‌ଭୋକେଟ୍ ଜେନେରାଲ୍ ହାଇକୋର୍ଟକେ ଇ ସୂଚ୍‌ନା ଦେଇଛନ୍ । ବଏସ୍ କୋହଲ୍ ନିୟମ୍ ଖାଲି ହାଇକୋର୍ଟନ ଆବେଦନ୍ କରିଥିବା ପ୍ରାର୍ଥୀମାନ୍‌କର କ୍ଷେତ୍ରଥି ଲାଗୁ ହେବା ବଲି ଶ୍ରୀ ଆଚାର୍ଯ୍ୟ ହାଇକୋର୍ଟକେ ସୂଚ୍‌ନା ଦେଇଛନ୍ ।

ଛାତ୍ରବୃତି ଆର୍‌ଏନ୍‌ୟୁ/ ସମ୍ବଲପୁର

ସିନେମା, ବିଡ଼ି, ଖଣି ଶ୍ରମିକମାନ୍‌କର ପିଲାମାନ୍‌କର୍ ପାଠ୍‌ପଢ଼ା ଲାଗି କେନ୍ଦ୍ର ଶ୍ରମ ଆଉ ନିୟୋଜନ୍ ମନ୍ତ୍ରଣାଳୟ ତର୍‌ଫୁ ପ୍ରାକ୍ ମାଟ୍ରିକ୍ ଆଉ ମାଟ୍ରିକ୍ ପରର୍ ଛାତ୍ରବୃତି ଦେବାର୍ ଲାଗି ଆବେଦନ୍ ଆହ୍ୱାନ୍ କରାଯାଇଛେ । ଛାତ୍ରବୃତି ପାଏବାର୍ ଲାଗି ୧୦ ଶ୍ରେଣୀ ତକ୍ ଇଚ୍ଛୁକ୍ ଯୋଗ୍ୟ ପ୍ରାର୍ଥୀମାନେ ଅଗଷ୍ଟ ୩୧ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ୧୧ନୁ ଅଏତ୍‌କା ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର ଲାଗି ଆବେଦନ୍‌ର ଶେଷ୍ ତାରିଖ୍ ଅକ୍ଟୋବର ମାସର୍ ୩୧ ତାରିଖ୍ ରଖାଯାଇଛେ । ୨୦୨୫-୨୬ ଶିକ୍ଷା ବଛର୍ ଲାଗି ଛାତ୍ରଛାତ୍ରୀମାନେ www.scholarships.gov.in ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ

ଅଏତ୍‌କା ଜାନ୍‌ବାର୍‌ ଲାଗି ଶ୍ରମିକମାନେ ପାଖର୍‌ ସ୍ୱାସ୍ଥ୍ୟକେନ୍ଦ୍ର ସଙ୍ଗେ ଯୋଗାଯୋଗ୍‌ କରିପାର୍‌ବେ ।

ପି.ବି. ଶବ୍ଦ ପ୍ଲାର୍ଟଫର୍ମ                ଆର୍‌ଏନ୍‌ୟୁ/ କଟକ

ପ୍ରାମାଣିକ  ସମାଚାର ମାହାଳିଆ ପାଇପାର୍‌ବା ଲାଗି ପି.ବି. ଶବ୍ଦ ପ୍ଲାର୍ଟଫର୍ମଥି ପଞ୍ଜିକରଣ କର୍‌ବାର୍‌ ଲାଗି ସମ୍ବାଦପତ୍ର ସହେତେ ଗଣମାଧ୍ୟମ ସଂସ୍ଥାମାନ୍‌କୁ ପ୍ରସାର ଭାରତୀ ତର୍‌ଫୁ ଆହ୍ୱାନ୍‌ କରାଯାଇଛେ । ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁଙ୍କର୍‌ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପ୍ରାମାଣିକ ଆଉ ବୋଧଗମ୍ୟ ସୂଚ୍‌ନାର ବ୍ୟାପକ୍‌ ପ୍ରଚାର୍‌ ପ୍ରସାର୍‌ ନିଶ୍ଚିତ୍‌ କର୍‌ବାର୍‌ ଦିଗେ ବିଶ୍ୱସନୀୟ ଗଣମାଧ୍ୟମ୍‌ ସଂସ୍ଥାମାନ୍‌କୁ ସାମିଲ୍‌ କର୍‌ବାର୍‌ ବାଦ୍‌ବେ ଆଲୋଚନା କରାଯାଇଥିଲା । ପି.ବି, ଶବ୍ଦ ପୋର୍ଟାଲ୍‌ଥି ଜାତୀୟ ଆଉ ଅନ୍ତର୍ଜାତୀୟ ଘଟ୍‌ନାମାନ୍‌କର ସିଧା ପ୍ରସାରଣ, ଗବେଷଣା ଆଧାରିତ୍‌ ଲେଖା, ଗୁରୁତ୍ୱପୂର୍ଣ୍ଣ ସମାଚାର ଆଉ ମଲ୍‌ଟି ମିଡିଆ ବିଷୟ ଉପ୍‌ରେ ମାହାଳିଆ ଉପଲବ୍ଧ ରହେବା । ୨୦୨୪ ମସିହା ମାର୍ଚ୍ଚ ମାସେ ମୁଲ୍‌ ହେଇଥିବା ପି.ବି. ଶବ୍ଦ ପୋର୍ଟାଲ୍‌ଥି ସବୁ ଦିନ ଭିନ୍‌ ଭିନ୍‌ ଭାରତୀୟ ଭାଷାଥି ୮ ଶହନୁ ଅଏତ୍‌କା ସମାଚାର୍‌ ପ୍ରସାରଣ କରାଯାଉଛେ ।

ଶ୍ରୀମନ୍ଦିର ଚିତାଲାଗି ନୀତି ପୁରୀ ସମ୍ବାଦଦାତା

ଶରାବନ୍ ମାସର ଅନ୍ଧାର ପଖ୍ ଉଆଁସ୍ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର ନ ଚିତାଲାଗି ନୀତି କରାଯାଇଛେ । ଇ ଗୁପ୍ତ ନୀତି ପ୍ରଥମ୍ ଭୋଗ ମଣ୍ଡପ୍ ଭୋଗ୍ ଶେଷ୍ ହେବାର୍ ଉତ୍‌ରୁ ମୁଲ୍ ହେଇଥିଲା । ଚିତାଲାଗି ନୀତି ରଥଯାତ୍ରା ସଙ୍ଗେ ଜୁଡ଼ି ହେଇକରି ଥିସି । ଆଝିର୍ ଦିନେ ମାହାପୁରୁମାନ୍‌କୁ ଚିତଉ ପିଠା ଲାଗି କରାଯାଏସି । ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ମସ୍ତକ୍ ନ ଆଏଜ୍ ଦେଢ୍‌ମାସ୍ ଉତ୍‌ରୁ ରତ୍ନ ଚିତା ଲାଗି ହେଇଛେ । ଇଥିର୍ ଲାଗି ଶ୍ରୀମନ୍ଦିରନ ଆଏଜ୍ ଦିନର୍ ୨ ବଜେନୁ ସଞ୍ଜବେଲର୍ ସାଢ଼େ ୬ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହିଥିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ

୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା କାଏଲ୍ ତକ୍ ଦେଇପାର୍‌ବେ ।

ମାନସ ପୋର୍ଟାଲ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର ସବୁ ଶିକ୍ଷାନୁଷ୍ଠାନ୍ ପରିସର୍‌କେ ନିଶାମୁକ୍ତ କର୍‌ବାର୍ ଲାଗି ନାର୍କୋଟିକ୍ସ କଂଟ୍ରୋଲ୍ ବ୍ୟୁରୋ ତର୍‌ଫୁ ମାନସ ପୋର୍ଟାଲ୍ ମୁଲ୍ କରାଯାଇଛେ । ଇ ପୋର୍ଟାଲ ଜରିଏ ଶିକ୍ଷାନୁଷ୍ଠାନ ପରିସର୍‌ନ ନିଶା ଦରବ୍ ବେଭାର୍ ବାବ୍‌ଦେ ଅଭିଯୋଗ୍ ଦାଖଲ୍ କରାଯାଇପାର୍‌ବା । ଇତାର୍ ସହେତେ ଜାତୀୟ ସହାୟତା ନମ୍ବର ୧୯୩୩ ଆଉ ମୋବାଇଲ୍ ଆପ୍ ଉମଙ୍ଗ ଜରିଏ ଭିଲ୍ ଅଭିଯୋଗ୍ ଦାଖଲ୍ କରିହେବା ବଲି ସରକାରଙ୍କର୍ ତର୍‌ଫୁ କୁହାଯାଇଛେ ।

ଗନ୍ଧମାର୍ଦ୍ଦନ୍‌ରୁ ପର୍ଯ୍ୟଟକ ଉଦ୍ଧାର ବରଗଡ଼ ସମ୍ବାଦଦାତା

ଜବର୍ ବର୍ଷା ଲାଗି ଗନ୍ଧମାର୍ଦ୍ଦନ୍ ପର୍ବତ୍ ଉପ୍‌ରେ ଫସି ଯାଇଥିବା ୧୭ ଝନ୍ ପର୍ଯ୍ୟଟକଙ୍କୁ ଆଏଜ୍ ସୁରକ୍ଷିତ୍ ଉଦ୍ଧାର କରାଯାଇଛେ । ସବୁ ପର୍ଯ୍ୟଟକ ଛତିଶଗଡ଼ର ବଲି ଜନାପଡ଼ିଛେ । ପର୍ଯ୍ୟଟକ୍‌ମାନେ ଗନ୍ଧମାର୍ଦ୍ଦନ୍ ପର୍ବତକେ ବୁଲି ଯାଇଥିବାର୍‌ବେଲେ ଜବର୍ ବର୍ଷା ହେବାର୍‌ନୁ ତଲ୍‌କେ ନାଇ ଆସି ପାର୍‌ଲେ । ଖବର୍ ପାଏବାର୍ ଉତ୍‌ରୁ ବରଗଡ଼ ଜିଲ୍ଲା ପୁଲିସ ଆଉ ବନବିଭାଗ୍ ତର୍‌ଫୁ ଉଦ୍ଧାରକାମ୍ ମୁଲ୍ ହେଇଥିଲା । ଇହାଦେ ସମ୍‌କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛେ । ଘଟ୍‌ନା ଉତ୍‌ରୁ ବର୍ଷା ସମିଆଥି ପର୍ବତ୍ ଉପ୍‌କେର ନାଇ ଯିବାର୍‌କେ ବରଗଡ଼ ଆରକ୍ଷୀ ଅଧିକ୍ଷକ୍ ପ୍ରହଲ୍ଲାଦ ସହାଇ ମୀନା ଲୁକ୍‌କୁ ନିବେଦନ୍ କରିଛନ୍ ।
(ଭଏସ୍ ଓଭର୍-----ଏସ୍‌ପି)

ପୋଶ୍ ଆଇନ ତାଲିମ ନୂଆପଡ଼ା ସାମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳଙ୍କର ସଦ୍‌ଭାବନା ସଭାଗୃହନ ଆଭ୍ୟନ୍ତରୀଣ ଅଭିଯୋଗ କମିଟି- ଆଇସିସି ଆଉ ସ୍ଥାନୀୟ ଅଭିଯୋଗ୍ କମିଟି- ଏଲ୍‌ସିସିର୍ ତାଲିକ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ମହିଳାଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନ୍-

୨୦୧୩ ବାବ୍‌ଦେ ଜିଲ୍ଲାପାଲ୍ ମଧୁସୂଦନ ଦାସ ଆଲୋଚନା କରିଥିଲେ । ୧୦ ନୁ ଅଏତ୍‌କାମହିଲା କର୍ମଚାରୀ ଥିବାର୍ ଜିଲ୍ଲାର ବିଭାଗ୍‌ମାନ୍‌କୁ ଆଏବା ୭ ଦିନ୍ ଭିତ୍‌ରେ ଆଇସିସି ଗଠନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଜିଲ୍ଲାର ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟଠାନେ ଭିଲ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କର ଅଧ୍ୟକ୍ଷତାଥି ଆନ୍ତଃ ଅଭିଯୋଗ କମିଟି ତର୍‌ଫୁ ଦିନ୍‌କିଆ କର୍ମଶାଳା ହେଇଯାଇଛେ । ଇଥି ମହିଲା ଯୌନ ନିର୍ଯାତନା ନିରୋଧୀ ଆଇନ୍-୨୦୧୩ ଆଉ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ୍-୨୦୧୫ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ମତ୍ସ୍ୟ ଚାଷ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍‌ଠାନେ ଜିଲ୍ଲା ମତ୍ସ୍ୟ ବିଭାଗ୍ ତର୍‌ଫୁ ମାଛ୍ ଚାଷ୍ ବାବ୍‌ଦେ ସଚେତନ୍‌ତା ଆଉ ତାଲିମ୍ ଶିବିର୍ ହେଇଯାଇଛେ । ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କର ପରିଚାଳ୍‌ନାଥି ହେଇଥିବା କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ୍ ଦେଇଥିଲେ । ଜିଲ୍ଲାନ ମଧୁର୍ ପାନିର୍ ମାଛ୍ ଚାଷ୍‌ର ବହୁତ୍ ସମ୍ଭାବନା ଥିବାର୍‌ନୁ ଇ

ଦିଗେ ପଦକ୍ଷେପ୍ ନେବାର୍କେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ଯୌନ ନିର୍ଯାତନା ନିରୋଧି ସଚେତନତା   ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷନ ଆଏଜ୍ କର୍ମକ୍ଷେତ୍ରଥି ମହିଲାଙ୍କୁ ଯୌନ ନର୍ଯାତନା ନିରୋଧୀ ଆଇନ୍ ସଚେତନତା ଶିବିର ହେଇଯାଇଛେ । ଜିଲ୍ଲା ସମାଜ ମଙ୍ଗଲ ବିଭାଗ୍ ତର୍‌ଫ ହେଇଥିବା କାର୍ଯ୍ୟକ୍ରମଥି ଜିଲ୍ଲାପାଲ କବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି କର୍ମ କ୍ଷେତ୍ର ନ ମହିଲାମାନ୍‌କର ଉପ୍‌ରେ ହଉଥିବା ଯୌନ ନିର୍ଯାତନା ପ୍ରତିରୋଧ କର୍‌ବାର୍ ସହେତେ ମହିଲାଙ୍କର ସୁରକ୍ଷା ବାବ୍‌ଦେ ସଚେତନ୍ କରିଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ସାମୁଦ୍ରିକ୍ ଝଡ଼ ଓ୍ୱିଫା ବଙ୍ଗୋପସାଗର୍‌ନ ପୁହୁଚିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଲଘୁଚାପ୍ ଅଏତ୍‌କା ଘନୀଭୂତ୍ ହେଇକରି ଅବପାତ୍‌ର ରୂପ୍ ନେବା । ଭୁବନେଶ୍ୱର ଆଂଚଲିକ୍ ପାଣିପାଗ

ବିଜ୍ଞାନ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଲଘୁଚାପ୍ର ପ୍ରଭାବ୍ଥି ଆଏବା ୪ ଦିନ୍ ତକ୍ ରାଏଜର୍ ଭିନ୍ ଭିନ୍ ଜାଗାନ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ଘଡ଼ଘଡ଼ି ସହେତେ ବର୍ଷା ନେଇକରି ରାଜ୍ୟର ସବୁ ଜିଲ୍ଲାକେ ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ଆଏଜ୍ ୮ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜବେଲର୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍ଭଣ୍ଡାର୍କେ ୯୦ ହଜାର୍ ୭ ଶହ ୧୭ ଘନ୍ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍କେ ୧ ଲାଖ୍ ୫୫ ହଜାର ୩ ଶହ ୫୯ ଘନ ଫୁଟ୍ ପାଏନ୍ ଛଡ଼ା ଯାଉଛେ ବଲି ଡେମ୍ କର୍ତୃପକ୍ଷଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।